This Question Paper consists of 25 questions 7 printed pages.
ଏହି ପ୍ରଶ୍ନପତ୍ରରେ ମୋଟ 25 ଟି ପ୍ରଶ୍ନ ଅଛି ଏବଂ 7 ମୁଦ୍ରିତ ପୃଷ୍ଠା ଅଛି।

Roll No.
ରୋଲ ନଂ

| | | | | | | | | | | | |
|---|---|---|---|---|---|---|---|---|---|---|---|
| | | | | | | | | | | | |

**Code No.** **63/S/A/OR**
କୋଡ୍ ନମ୍ବର

**Set /** ସେଟ୍ **A**

# ODIA
(ଓଡ଼ିଆ)
**(233)**

Day and Date of Examination ..........................................................................................
(ପରୀକ୍ଷାର ଦିନାଙ୍କ ଓ ତାରିଖ)

Signature of Invigilators 1. ..........................................................................................
(ନିରୀକ୍ଷକଙ୍କ ସ୍ୱାକ୍ଷର)
2. ..........................................................................................

***ସାଧାରଣ ନିର୍ଦ୍ଦେଶାବଳୀ :***

1. ପ୍ରଶ୍ନପତ୍ରର ପ୍ରଥମ ପୃଷ୍ଠାରେ ପରୀକ୍ଷାର୍ଥୀ ନିଜର ରୋଲ୍ ନମ୍ବର ନିର୍ଦ୍ଦିଷ୍ଟ ସ୍ଥାନରେ ନିଶ୍ଚିତ ଲେଖନ୍ତୁ।
2. ପ୍ରଶ୍ନପତ୍ରର ସମସ୍ତ ମୁଦ୍ରିତ ପୃଷ୍ଠା ଓ ପ୍ରଶ୍ନସଂଖ୍ୟା ପ୍ରଶ୍ନପତ୍ରର ପ୍ରଥମ ପୃଷ୍ଠାରେ ଦିଆଯାଇଥିବା ସଂଖ୍ୟା ସହ ମିଳାଇ ନିଅନ୍ତୁ।
3. ଉତ୍ତର ପୁସ୍ତିକାରେ ସମସ୍ତ ପ୍ରଶ୍ନର ଉତ୍ତର ଲେଖନ୍ତୁ।
4. ସମସ୍ତ ପ୍ରଶ୍ନର ଉତ୍ତର ନିର୍ଦ୍ଧାରିତ ସମୟ ଭିତରେ ଦେବାକୁ ହେବ।
5. ଉତ୍ତର ପୁସ୍ତିକାର ନିର୍ଦ୍ଦିଷ୍ଟ ସ୍ଥାନ ବ୍ୟତିତ ଅନ୍ୟ କୌଣସି ସ୍ଥାନରେ ପରୀକ୍ଷାର୍ଥୀ ଯଦି ନିଜ ରୋଲ୍ ନମ୍ବର ଲେଖନ୍ତି କିମ୍ବା ଅନ୍ୟ କିଛି ଚିହ୍ନ ଦିଅନ୍ତି ତେବେ ପରୀକ୍ଷାର୍ଥୀଙ୍କୁ ଅଯୋଗ୍ୟ ଘୋଷିତ କରାଯିବ।
6. ପ୍ରଶ୍ନପତ୍ରର କୋଡ୍ ନମ୍ବର 63/S/A/OR ସେଟ୍ A ଉତ୍ତର ପୁସ୍ତିକାରେ ଥିବା ନିର୍ଦ୍ଦିଷ୍ଟ ସ୍ଥାନରେ ଲେଖନ୍ତୁ।

## ODIA

## ଓଡ଼ିଆ

## (233)

ସମୟ : 3 ଘଣ୍ଟା ] [ ପୂର୍ଣ୍ଣ ସଂଖ୍ୟା : 100

**ନୋଟ୍ :** (i) **ସମସ୍ତ** ପ୍ରଶ୍ନର ଉତ୍ତର ଦିଅ।

(ii) ପ୍ରତ୍ୟେକ ପ୍ରଶ୍ନ ସମ୍ମୁଖରେ ନିର୍ଦ୍ଧାରିତ ସଂଖ୍ୟା (ମାର୍କ) ସୂଚିତ ହୋଇଛି।

**1.** ସନ୍ଧି ବିଚ୍ଛେଦ କର (**2** ଟିର) : 3

ପୀତାମ୍ବର, ଗଙ୍ଗୋଦକ, ଚିନ୍ମୟ, ସଂସ୍କୃତି

**2.** ପରୋକ୍ଷୋକ୍ତିରେ ପରିଣତ କର : 1

ଶିକ୍ଷକ ଛାତ୍ରଙ୍କୁ କହିଲେ—''ସୂର୍ଯ୍ୟ ପୂର୍ବ ଦିଗରେ ଉଦିତ ହୁଅନ୍ତି''।

**3.** ନିମ୍ନଲିଖିତ ବାକ୍ୟଗୁଡ଼ିକ ମଧ୍ୟରୁ କେଉଁଟି ଜଟିଳ ବାକ୍ୟ, କେଉଁଟି ସରଳ ବାକ୍ୟ ଓ କେଉଁଟି ଯୌଗିକ ବାକ୍ୟ ଚିହ୍ନାଇ ଦିଅ : 3

(କ) ଧର୍ମ ବା ଭାଷାଭିତ୍ତିକ ଆଞ୍ଚଳିକ ମନୋଭାବ ଜାତୀୟ ସଂହତିର ଅନ୍ତରାୟ।

(ଖ) ତୁମେ ଯାହା କହୁଛ, ତାହା ସତ୍ୟ ନୁହେଁ।

(ଗ) ସନ୍ତୋଷ ଗଲା ଓ ଫଳ କିଣିଲା।

**4.** ନିମ୍ନଲିଖିତ ପ୍ରତ୍ୟୟଗୁଡ଼ିକ ମଧ୍ୟରୁ ଯେକୌଣସି **ତିନୋଟି** ପ୍ରତ୍ୟୟକୁ ନେଇ ଗୋଟିଏ ଗୋଟିଏ ଶବ୍ଦ ଗଠନ କର : 3

ରା, ଇ, କ, ଖାନା, ଇଆ

**5.** ଏକ ପଦରେ ପ୍ରକାଶ କର : 1

ଚନ୍ଦ୍ରର ଅର୍ଦ୍ଧ, ଗୃହକୁ ଆଗତ

**6.** ବିପରୀତାର୍ଥ ବୋଧକ ଶବ୍ଦ ଲେଖ (**4**ଟିର) : 2

ମର୍ତ୍ତ୍ୟ, ବୃଦ୍ଧି, ଲାଭ, ଅପକାର, ଭଙ୍ଗା

**7.** ରୂଢ଼ି ମାନଙ୍କର ଅର୍ଥଲେଖ (**3**ଟିର) : 3

ଅଂଧର ଲଉଡ଼ି, ଅରଣ୍ୟରୋଦନ, ଛେନାରୁ ଚୋପା ଛଡ଼ାଇବା, ଉଷୁନା ଧାନରୁ ଗଜା

**8.** ନିମ୍ନଲିଖିତ ସମୋଚ୍ଚାରିତ ଶବ୍ଦର ଅର୍ଥ ଲେଖ : 2

ଈଶ-ଇଷ, ଲକ୍ଷ-ଲକ୍ଷ୍ୟ

**9.** ଠିକ୍ ଉତ୍ତର ବାଛି ତା'ପାଖରେ (✓) ଚିହ୍ନ ଦିଅ : 1

''ମୁହଁଟା ତାର କାତିରୁ ଦାଢ଼''—ଏହାର ଅର୍ଥ କ'ଣ?

(କ) ବୁଢ଼ୀର ମୁହଁଟା ଭାରି ସୁନ୍ଦର

(ଖ) ବୁଢ଼ୀର କଥା ଅତି ମଧୁର

(ଗ) ଛୁରୀ ଭଳି ବୁଢ଼ୀର ମୁହଁ ଦାଢୁଆ

(ଘ) ବୁଢ଼ୀର କଥା ଅତି କର୍କଶ

**10.** ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର : 1

ମୁକତି, ଦୁର୍ଗତି ______ କରିଛ ଯୋଡ଼ି। (ବିଧାନ, ସୃଷ୍ଟି, ଭିଆଣ)

**11.** 'କ' ସ୍ତମ୍ଭରେ ପ୍ରଦତ୍ତ ଶବ୍ଦ ସହିତ 'ଖ' ସ୍ତମ୍ଭରେ ପ୍ରଦତ୍ତ ଯେଉଁ ଶବ୍ଦର ଯଥାର୍ଥ ସମ୍ବନ୍ଧ ରହିଛି, ତାହା ଦର୍ଶାଅ (**3** ଟିର) : 3

| **'କ' ସ୍ତମ୍ଭ** | **'ଖ' ସ୍ତମ୍ଭ** |
|---|---|
| (କ) ଉଦାସୀନ | *(i)* ଜୀବନ୍ଦଶାରେ ମୃତ୍ୟୁ ଯନ୍ତ୍ରଣା |
| (ଖ) ଛାର | *(ii)* ସୌଭାଗ୍ୟମୟ |
| (ଗ) ମହୋତ୍ସବମୟ | *(iii)* ସଂସାର ବିରାଗୀ |
| (ଘ) ହା'ହା'ମୟ | *(iv)* ତୁଚ୍ଛ |
| (ଙ) ହସି ଖେଳି | *(v)* ଆନନ୍ଦମୟ |
| (ଚ) ଜୀବନ୍ତମରଣ | |

**12.** 'ଅମ୍ବର' ଶବ୍ଦର ଦୁଇଟି ଅର୍ଥ ଲେଖ । ½+½=1

**13.** ନିମ୍ନଲିଖିତ ଶବ୍ଦର ପଦ୍ୟ ରୂପ ଲେଖ (**2** ଟିର) : 2

ପତ୍ର, ଶବ୍ଦ, ସ୍ମରିଲେ, ପ୍ରାଚୀ

**14.** ନିମ୍ନୋକ୍ତ ଶବ୍ଦମାନଙ୍କର ବର୍ତ୍ତମାନ ପ୍ରଚଳିତ ରୂପ ଲେଖ (**2** ଟିର) : 2

ବିବାନ, ପ୍ରତକ୍ଷେ, ଯୁଝେଷ୍ଟି, ଦଇବତ

**15.** ନିମ୍ନଲିଖିତ ଶବ୍ଦଟି କେଉଁ ପ୍ରକାର ପଦ : 1

ବ୍ୟବହାର (ବିଶେଷ୍ୟ, ବିଶେଷଣ)

**16.** 'ସାମାଜିକ' ପରି ଆଉ ଏକ ଶବ୍ଦ ଲେଖ। 1

**17.** କୋରାପୁଟର କଥିତ ଭାଷା _____ ଅଟେ। 1

(ଦେଶିଆ, ଗାଦବା, କନ୍ଧ)

**18.** 'ସୌଷ୍ଠବ' ଶବ୍ଦଟି ନିମ୍ନଲିଖିତ କେଉଁ ଶବ୍ଦ ସହ ତୁଳନୀୟ : 1

(କ) ସୁନ୍ଦର

(ଖ) ସୁଷ୍ଠୁ

(ଗ) ଭବ୍ୟ

**19.** ସଂକ୍ଷେପରେ ଉତ୍ତର ଦିଅ (**6** ଟିର) : 1½×6=9

(କ) ଷଠୀ ଘରର ଅର୍ଥ କ'ଣ?

(ଖ) ମାଟିର ସେଇ ସରଗ ବୋଲି କବି କାହାକୁ କହିଛନ୍ତି?

(ଗ) 'ହବିଷ' ଶବ୍ଦଟିର ଅର୍ଥ କ'ଣ?

(ଘ) କେଉଁମାନଙ୍କ ଉଦ୍ଦେଶ୍ୟରେ କବି 'ରଥୀ' ଶବ୍ଦଟି ବ୍ୟବହାର କରିଛନ୍ତି?

(ଙ) ଖଦ୍ୟୋତ କେଉଁଥିରୁ ମୁକ୍ତି ଚାହିଁଥାଏ।

(ଚ) ବିଶ୍ୱସେବା କହିଲେ କ'ଣ ବୁଝାଏ।

(ଛ) ପରୀକ୍ଷିତ ରାଜା କିଏ?

**20.** ସଂକ୍ଷେପରେ ଯେକୌଣସି **ତିନୋଟି** ପ୍ରଶ୍ନର ଉତ୍ତର ଦିଅ : 3×3=9

(କ) କେଉଁ ପ୍ରକ୍ରିୟାରେ ଖୁବ ଉନ୍ନତ ମାନର ନିର୍ଭୁଲ ମୁଦ୍ରଣ ଅଳ୍ପ ସମୟ ମଧ୍ୟରେ ସ୍ୱଳ୍ପ ଖର୍ଚ୍ଚରେ କରା ଯାଇ ପାରୁଛି।

(ଖ) ବନ୍ଦୀ ବିମ୍ବିସାର କାହିଁକି ପ୍ରେତଛାୟା ପରି ଦେଖାଯାଉଛନ୍ତି।

(ଗ) ନୀରବ ବେଣୁଧରଙ୍କୁ ଗଛ ସହ କାହିଁକି ତୁଳନା କରାଯାଇଛି।

(ଘ) ପକ୍ଷୀଟି ସ୍ୱପ୍ନର କି ବ୍ୟାଖ୍ୟା ଦେଲା।

**21.** ନିମ୍ନଲିଖିତ ପ୍ରଶ୍ନଗୁଡ଼ିକ ମଧ୍ୟରୁ ଯେକୌଣସି **ତିନୋଟି** ପ୍ରଶ୍ନର ଉତ୍ତର ଦିଅ : 7×3=21

(କ) ଲକ୍ଷ୍ମଣ ନାଏକ ପ୍ରକୃତରେ ଜଣେ ଶହୀଦ ଥିଲେ—ଆଲୋଚନା କର।

(ଖ) ଭାରତକୁ କଲାମ କି ଦୃଷ୍ଟିରେ ଦେଖି ଆସିଛନ୍ତି ବର୍ଣ୍ଣନା କର।

(ଗ) କଳିଙ୍ଗ କହିଲେ କେଉଁ ଅଞ୍ଚଳକୁ ବୁଝାଉଥିଲା। ଏହାର ସଂସ୍କୃତି ଓ ଭାଷାଗତ ବୈଶିଷ୍ଟ୍ୟର ସୂଚନା ଦିଅ।

(ଘ) ଆମ ସାମୟିକ ଯୁଗର ଅନ୍ୟନାମ କମ୍ପ୍ୟୁଟର ଯୁଗ କାହିଁକି?

(ଙ) ହିମାଳୟର ହିମଛାୟାତଳେ କେଉଁ ସ୍ଥାନକୁ ଲକ୍ଷ୍ୟ କରି କୁହାଯାଇଛି।

**22.** ଯେକୌଣସି **ଦୁଇଟି** ପ୍ରଶ୍ନର ଉତ୍ତର ଦିଅ : 6+6=12

(କ) ଇନ୍ଦ୍ରଙ୍କ ଦ୍ୱାରା କରା ଯାଇଥିବା ପରୀକ୍ଷାରେ ଯୁଧିଷ୍ଠିର କିପରି ଉତ୍ତୀର୍ଣ୍ଣ ହୋଇଥିଲେ?

(ଖ) 'ମୋ ଜୀବନ ପଛେ ନର୍କେ ପଡିଥାଉ' କବିତାରେ ବିଶ୍ୱ ମାନବବାଦୀ ପ୍ରତିଫଳିତ—ଆଲୋଚନା କର।

(ଗ) ଚିଲିକା ଠାରୁ ମେଲାଣି ମାଗିବା ବେଳେ କବି ଦୁଃଖରେ ଭାଙ୍ଗିପଡ଼ିଛନ୍ତି କାହିଁକି?

**23.** *200* ଟି ଶବ୍ଦ ମଧ୍ୟରେ ଯେକୌଣସି **ଗୋଟିଏ** ବିଷୟରେ ରଚନା ଲେଖ : 10

(କ) ବେକାର ସମସ୍ୟା

(ଖ) ଉତ୍କଳ ଦିବସ

(ଗ) ସନ୍ତ୍ରାସବାଦ

**24.** ତୁମେ ରହୁଥିବା ଅଞ୍ଚଳରେ ନାଳ, ନର୍ଦ୍ଦମା ତଥା ଅଳିଆ ଆବର୍ଜନା ପରିଷ୍କାର କରିବା ପାଇଁ ସଂପୃକ୍ତ ଅଧିକାରୀଙ୍କ ନିକଟକୁ ଏକ ଦରଖାସ୍ତ ଲେଖ। 5

**କିମ୍ବା**

ସ୍କୁଲ ଛାତ୍ରାବାସରେ ପ୍ରଥମ ଦିନର ଅନୁଭୂତି ଜଣାଇ ମା'ଙ୍କ ନିକଟକୁ ଏକ ପତ୍ର ଲେଖ।

**25.** ଓଡ଼ିଆରେ ଅନୁବାଦ କର : 2

(କ) Tit for Tat

(ଖ) Read the newspaper daily

★ ★ ★